Divine Life:-

ଦିବ୍ୟ ଜୀବନ ହେଉଛି ଚେତନାର ଅଭିଯାତ୍ରା । ଶ୍ରୀମା'ଙ୍କ ଭାଷାରେ :-

"The only hope for the future is in change of man's consciousness and change his bound to come.

But it is left to men to decide it if they will calaborate (collaborate) in this change or If it will have to be enforced upon them by the power of crushing circumstance. So wake up and colaborate (collaborate)."

ଅର୍ଥାତ୍ :- ଭବିଷ୍ୟତର ଏକମାତ୍ର ଆଶା ହେଉଛି ମଣିଷର ଚେତନାର ପରିବର୍ତ୍ତନ ଏବଂ ଏହି ପରିବର୍ତ୍ତନ ନିଶ୍ଚିତ ଭାବେ ଆସିବ ।

କିନ୍ତୁ ଏହା ମଣିଷମାନଙ୍କୁ ନିଷ୍ପତ୍ତି ନେବାପାଇଁ ଛାଡିଦିଆଯାଇଛି :- ସେମାନଙ୍କୁ ଏହି ପରିବର୍ତ୍ତନରେ ସହଯୋଗ କରିବାକୁ, ନଚେତ୍ କିମ୍ବା ପରିସ୍ଥିତିର ଭୀଷଣ ଚାପରେ ସେମାନେ ପରିବର୍ତ୍ତନ ହେବାକୁ ବାଧ୍ୟ ହେବେ । ତେଣୁ, ଜାଗ୍ରତ ହୁଅ ଏବଂ ଭଗବାନଙ୍କୁ ସହଯୋଗ କର ।

ଚେତନାର ସିଡ଼ି ହେଲା :- ଅଜ୍ଞାନତା ମାଧ୍ୟରେ ବୁଦ୍ଧିର ଅନୁଚିନ୍ତ୍ୟ ପ୍ରତ୍ୟୟ ଏବଂ ଜ୍ଞାନ ମାଧ୍ୟରେ ବୋଧିକ ବା Intuition ଶକ୍ତିର ସ୍ୱାଭାବିକ କ୍ରିୟାଶୀଳତା ଓ ସମନ୍ୱୟ; ଯଦ୍ୱାରା ଜଣେ ଆଂଶିକ ଜ୍ଞାନ ବା ପ୍ରଜ୍ଞାନ ଏବଂ ସାମଗ୍ରିକ ଜ୍ଞାନ ବା ସଜ୍ଞାନ କୁ ପ୍ରାପ୍ତ ହୁଏ । ଚେତନାର ଆରୋହଣ ଏବଂ ଅବତରଣ ଦ୍ୱାରା ଆଧ୍ୟାତ୍ମିକ ବିବର୍ତ୍ତନ ସମ୍ଭବ ଏବଂ ଏହାଦ୍ୱାରା ଜଣେ ଦିବ୍ୟ ଜନନୀ ଶ୍ରୀମାଙ୍କ ଅସୀମ ଚେତନାକୁ ଆଂଶିକ ଭାବରେ ଜାଣିପାରେ । ଏହି ଚେତନାର ଗତିକୁ ତ୍ୱରାନ୍ୱିତ କରିବା ଦ୍ୱାରା ଜଣେ ଦିବ୍ୟ ଜନନୀଙ୍କ ଚେତନାକୁ ସାମଗ୍ରିକ ଭାବେ ଜାଣିବା ଦିଗରେ ଅଗ୍ରସର ହୁଏ ।

ଶ୍ରୀ ଅରବିନ୍ଦଙ୍କ "ଦିବ୍ୟ ଜୀବନ" ପୁସ୍ତକରେ ମଣିଷ ଜୀବନକୁ ପଶାଖେଳ ବା Game of gamble ଭାବରେ ବର୍ଣ୍ଣନା କରାଯାଇଛି । ଏହି ଖେଳ ଆତ୍ମା ଓ ଆତ୍ମାକୁ ବରଣ କରିଥିବା ଜଡ଼ ମଧ୍ୟରେ ଚାଲେ । ଏହି ଖେଳର ଗୋଟି ବା dice ହେଉଛି ଭାଗ୍ୟ । ଯୋଉଁମାନେ ଭାଗ୍ୟର ଗୋଟି ଚାଳନା କରି ଆତ୍ମା ଓ ଜଡ଼ ମଧ୍ୟରେ ଥିବା ସମ୍ପର୍କକୁ ଆବିଷ୍କାର କରିପାରନ୍ତି, ସେମାନେ ଏହି ଖେଳରେ ବିଜୟ ହାସଲ କରନ୍ତି । ସେମାନେ ଆତ୍ମ ଶକ୍ତିକୁ ଜଡ଼ ଜଗତ ମଧ୍ୟରେ ଅନୁପ୍ରବେଶ କରିବାର

ସାମର୍ଥ୍ୟ ପ୍ରକାଶ କରନ୍ତି । ଯେତେବେଳେ ବ୍ରହ୍ମଜ୍ଞାନ ଜଡ଼ ମଧ୍ୟରେ ପ୍ରବେଶ କରେ ଜଡ଼ ସେତେବେଳେ ଦିବ୍ୟଭାବରେ ରୂପାନ୍ତରିତ ହୁଏ । ଯୋଗୀମାନେ ଆତ୍ମା ଓ ଜଡ଼ ମଧ୍ୟରେ ଥିବା ସମ୍ପର୍କକୁ ଆବିଷ୍କାର କରିପାରନ୍ତି ନାହିଁ, ସେମାନେ ଏହି ଜୀବନ ରୂପକ ନାଟ୍ୟଶାଳାରେ ପରାଜୟକୁ ବରଣ କରନ୍ତି । ସେମାନେ ବାରମ୍ବାର ପୃଥିବୀରେ ଜନ୍ମନେଇ ଆତ୍ମା ଓ ଜଡ଼ ମଧ୍ୟରେ ଥିବା ସମ୍ପର୍କକୁ ଆବିଷ୍କାର କରିବା ନିମନ୍ତେ ଲାଗି ପଡ଼ନ୍ତି ଏବଂ ଶେଷରେ ସେହି ଅବିଭାଜିତ ଦିବ୍ୟ ଜୀବନ ଏବଂ ତା'ର ସର୍ବଜ୍ଞ, ସର୍ବବ୍ୟାପୀ ଶକ୍ତି ଓ ସାମର୍ଥ୍ୟ ଏବଂ ସର୍ବଜ୍ଞ ସର୍ବବ୍ୟାପୀ ଜ୍ଞାନକୁ ଲାଭ କରନ୍ତି ।

ଯୋଗୀମାନେ ଏହି ଲୀଳା କିମ୍ବା ଭାଗ୍ୟର ଖେଳରେ ବିଜୟ ହାସଲ କରନ୍ତି ସେମାନେ ହେଉଛନ୍ତି ବିଜୟୀ ଆତ୍ମା ବା ଶକ୍ତିଶାଳୀ ଆତ୍ମା । ପ୍ରକୃତ ଯୋଗରେ ସେମାନେ ସବୁ ବିକାରରୁ ମୁକ୍ତ ବୋଲି ବର୍ଣ୍ଣନା କରାଯାଇଛି । ସେହି ସବୁ ବିକାର ହେଲା:- (i) Hatred ବା ଘୃଣା, (ii) Disliking ବା ଅନାଦର ମନୋଭାବ, (iii) Scorn ବା ଉପହାସ, (iv) Repulsion ବା ପ୍ରତିକର୍ଷଣ, (v) Clinging ବା ଅସତ୍ୟକୁ ଆବୁଡ଼ି ଧରିବା, (vi) Attachment ବା ଆସକ୍ତି, (vii) Preference ବା ଅଭିରୁଚି । ସେମାନେ ନିଜର ନିଜସ୍ୱ ପୃଥକ୍ ଅସ୍ତିତ୍ୱକୁ ଭଗବାନଙ୍କ ନିକଟରେ ହରାଇବା ଦ୍ୱାରା ନିଜ ଜୀବନକୁ ସୁରକ୍ଷିତ ମନେ କରନ୍ତି ।

ଯୋଗୀମାନେ ଏହି ଲୀଳା କିମ୍ବା ଭାଗ୍ୟର ଖେଳରେ ହାରିଯାନ୍ତି, ସେମାନେ ହେଉଛନ୍ତି ବିକାଶଶୀଳ ଆତ୍ମା ବା ଅପରିପକ୍ୱ ଆତ୍ମା । ସେମାନେ ପାରିବାରିକ ଆଚରଣ, ପାରିବାରିକ କର୍ତ୍ତବ୍ୟବୋଧ (Family obligation), ଜୀବିକା ନିର୍ବାହ ପାଇଁ ବୃତ୍ତି (profession), ଏବଂ ସାମାଜିକ କର୍ତ୍ତବ୍ୟବୋଧ (Social duty) ଭିତରେ ନିଜ ଜୀବନକୁ ବାନ୍ଧି ଦେଇଥାନ୍ତି । ସେମାନେ ନିଜର ସ୍ୱାର୍ଥରେ କିଛି ବି ବାଧା ଆସିଲେ ବିଦ୍ରୋହ ଏବଂ ଚିତ୍କାର କରି ଉଠନ୍ତି । ସେମାନେ ନିଜର ନିଜସ୍ୱ ପୃଥକ୍ ଅସ୍ତିତ୍ୱକୁ ବଢ଼ାଇବା ଦ୍ୱାରା ଜଗତରେ ନିଜକୁ ସୁରକ୍ଷିତ ମନେ କରନ୍ତି ।

ଶୁଦ୍ଧାତ୍ମା ସହ ବିକାଶଶୀଳ ଆତ୍ମା ନିଜର ତାମସ, ରାଜସ ଓ ସାତ୍ତ୍ୱିକ ରୂପକ ତିନି ସୁବର୍ଣ୍ଣ ଶିକୁଳି ବା three golden chain କୁ ଉତ୍ତରିତ ପୂର୍ଣ୍ଣ ଗତିରେ ଆତ୍ମୋତ୍ସର୍ଗ କରିବା ଦ୍ୱାରା ସାଧୁ ଅଭିବୃଦ୍ଧି ଏବଂ ପୁନର୍ଜୀବିତ ଏକ ଉଚ୍ଚତର ଚେତନାକୁ ପ୍ରାପ୍ତ ହୁଅନ୍ତି । ଯାହା ଶ୍ରୀମଦ୍ ଭଗବଦ୍ ଗୀତାରେ କୁହାଯାଇଛି "ବୁଦ୍ଧେ ପରତସ୍ତୁ ସଃ", ଅର୍ଥାତ୍ ସେ ଆତ୍ମାର ପ୍ରକୃତ ବା ଆଧ୍ୟାତ୍ମିକ ପ୍ରକୃତି ବୁଦ୍ଧିର ଊର୍ଦ୍ଧ୍ୱରେ ଅବସ୍ଥାନ

କରନ୍ତି । ସେହି ବିକାଶଶୀଳ ଆତ୍ମାର ଦିବ୍ୟ ଜୀବନ ବିଷୟନିର୍ଦ୍ଦିଷ୍ଟ ହୋଇଯାଏ; ସେତେବେଳେ ତା' ସ୍ୱରୂପ ମଧ୍ୟରେ ଥିବା ଦିବ୍ୟ ସତ୍ତା ଏବଂ ଶକ୍ତିଗୁଡ଼ିକର ଉର୍ଦ୍ଧ୍ୱରେ ଥିବା ଆଧ୍ୟାତ୍ମିକ ସତ୍ତାଙ୍କ ଦ୍ୱାରା ଉନ୍ମୋଚନ ହୋଇଯାଏ ।

ଏହା ଦ୍ୱାରା ଆତ୍ମା ସମଗ୍ର ବିଶ୍ୱ ଚେତନା ଏବଂ ବିଶ୍ୱାତୀତ ଚେତନାର କେନ୍ଦ୍ରବିନ୍ଦୁ ହୋଇପାରିବ ଏବଂ ଦିବ୍ୟ ଶକ୍ତିକୁ ଜଗତ ମଧ୍ୟକୁ ଅବତରଣ କରିପାରିବ । ତେଣୁ, ଦିବ୍ୟ ଜୀବନ ବଞ୍ଚିବାର ପ୍ରଥମ ସର୍ତ୍ତ ହେଲା :- ସ୍ୱ ଧର୍ମରେ ବଞ୍ଚି ରହିବା, ଏକ ଶରୀରକୁ, ଜୈବ ଅହଂ: ଯିଏକି ମୃତ୍ୟୁ, ଅଜ୍ଞତା ଏବଂ ବାସନାର ଅଧୀନରୁ ମୁକ୍ତ, ଜୀବନର ଏକ ଆଧ୍ୟାତ୍ମିକ ଚେତନାର ପ୍ରସାରଣ ଏବଂ ଉର୍ଦ୍ଧ୍ୱାୟନ ଦ୍ୱାରା ସମ୍ଭବ । ଦିବ୍ୟ ଜୀବନ ବଞ୍ଚିବାର ଦ୍ୱିତୀୟ ସର୍ତ୍ତ ହେଲା :- ଏକାଗ୍ରତା, ନୀରବତା ଏବଂ ସ୍ଥୂଳ ମନ, ପ୍ରାଣ ଓ ଶରୀରକୁ ଅତିକ୍ରମ କରି ଆତ୍ମାରେ ଜୀବନ ବଞ୍ଚିବା । ଦିବ୍ୟ ଜୀବନ ବଞ୍ଚିବାର ତୃତୀୟ ସର୍ତ୍ତ ହେଲା :- ଜଡ଼ ମଧ୍ୟରେ ଆତ୍ମ ଶକ୍ତିକୁ କ୍ରିୟାଶୀଳ ଏବଂ ଗତିଶୀଳ କରାଇବା ଯଦ୍ୱାରା ସ୍ୱ ଧର୍ମରେ ଆତ୍ମ ଅଭିବ୍ୟକ୍ତି ଏବଂ ଦିବ୍ୟ ଅଲୌକିକ ଘଟିବା ସମ୍ଭବ । ଦିବ୍ୟ ଜୀବନ ବଞ୍ଚିବାର ଚତୁର୍ଥ ସର୍ତ୍ତ ହେଲା :- ଭଗବତ୍ ଜୀବନ ମଧ୍ୟରେ ନିଜକୁ ସମର୍ପିତ କରି ଏକ ଆନ୍ତର ଏବଂ ଉଚ୍ଚତର ଚେତନା ଦ୍ୱାରା ଜୀବନକୁ ସଂଗଠିତ କରିବା ; ଯାହାକି ମଣିଷକୁ ଏକ ଶାଶ୍ୱତ ଜୀବନ ଆଡ଼କୁ ନେଇପାରିବ । ଦିବ୍ୟ ଜୀବନ ବଞ୍ଚିବାର ପଞ୍ଚମ ସର୍ତ୍ତ ହେଲା :- ଆତ୍ମ ଚେତନାର ସମଗ୍ର ସକଳର ପ୍ରସାରଣ, ସମାଜ ଜଗତ୍ ମଧ୍ୟରେ ହେଉଥିବା କର୍ମର ପ୍ରସାରଣ ଏବଂ ମନ, ପ୍ରାଣ ଓ ଶାରୀରିକ ଚେତନା ଏକ ବିଶ୍ୱାତୀତ ଚେତନାକୁ ପ୍ରାପ୍ତ ହେବା ନିମନ୍ତେ ସକ୍ରିୟ ଭାବରେ ସମର୍ପିତ ହୁଅନ୍ତି; ଯଦ୍ୱାରା ଦିବ୍ୟ ଶକ୍ତି ଆମ ମଧ୍ୟରେ ବାସକରେ, ଚିନ୍ତାକରେ, କର୍ମ କରେ ଏବଂ ଆମ ଜୀବନକୁ ଗଢ଼ି ତୋଳେ । ଦିବ୍ୟ ଜୀବନ ବଞ୍ଚିବାର ଶେଷ ସର୍ତ୍ତ ହେଲା :- ଚେତନା ଏଭଳି ଏକ ଉଚ୍ଚତର ଅବସ୍ଥାକୁ ପ୍ରାପ୍ତ ହେବ ଯେଉଁଠାରେ ଦିବ୍ୟ ନିୟମ, ଦିବ୍ୟ ଶୃଙ୍ଖଳା ଏବଂ ଦିବ୍ୟ ସତ୍ୟ ସମ୍ପ୍ରସାରିତ କରନ୍ତି । ସେଠାରେ ଜୀବନ ହୋଇଉଠେ ବୈଚିତ୍ର୍ୟ ଏବଂ ବିଭିନ୍ନତା ମଧ୍ୟରେ ଏକତ୍ୱର ଉପଲବ୍ଧ ହୁଏ ।

ପ୍ରତ୍ୟେକ ମଣିଷର ଭବିଷ୍ୟତ ନିୟତି ହେଉଛି ସାମୁହିକ ଚେତନା ଶକ୍ତି ଦ୍ୱାରା ଜୀବନକୁ ରୂପାନ୍ତରିତ କରିବା, ଯାହାକୁ ପ୍ରାଚୀନ ଋଷିମାନେ କହିଛନ୍ତି ବ୍ରହ୍ମ ହେଉଛି ଜଡ଼, ବ୍ରହ୍ମ ହେଉଛି ପ୍ରାଣ, ବ୍ରହ୍ମ ହେଉଛି ମନ, ବ୍ରହ୍ମ ହେଉଛି ବିଜ୍ଞାନ ଏବଂ ସେହି ବ୍ରହ୍ମ ହେଉଛି ସଚ୍ଚିଦାନନ୍ଦଙ୍କ ତ୍ରିବିଧ ନିରଙ୍କୁଶ ଚେତନା । ଏହାହିଁ ହେଉଛି ପ୍ରତ୍ୟେକ ବ୍ୟକ୍ତିଙ୍କର ଅତ୍ୟନ୍ତ ଅପରିହାର୍ଯ୍ୟ ଭବିଷ୍ୟତ ନିୟତି ।

ଏହି ତ୍ରିବିଧ ନିଗୂଢ଼ ସଚ୍ଚିଦାନନ୍ଦ ଚେତନା ବିଷୟରେ ସାବିତ୍ରୀରେ ~~ସୁନ୍ଦର ବର୍ଣ୍ଣନା କରାଯାଇଛି~~:- ଶ୍ରୀ ଅରବିନ୍ଦ କହନ୍ତି: —

" There is a consciousness, mind cannot touch,
Its speech cannot utter nor its thought reveal.
It has no home on earth, no centre in man,
Yet is the source of all things thought and done,
The fount of the creation and its works,
It is the origin of all truth here."

ଅର୍ଥାତ୍:- ଏଭଳି ଏକ ପରମ ଚେତନା ସର୍ବତ୍ର ପରିବ୍ୟାପ୍ତ ଏବଂ ସର୍ବତ୍ର ବିଦ୍ୟମାନ, ଯାହାକୁ ମନ ସ୍ପର୍ଶ କରିପାରେ ନାହିଁ। ପ୍ରବଚନ କିମ୍ବା ଚିନ୍ତା ଦ୍ୱାରା ତାକୁ ଧରି ହୁଏ ନାହିଁ ~~କି~~ କିମ୍ବା ବ୍ୟକ୍ତ କରି ହୁଏ ନାହିଁ। ପୃଥିବୀରେ ଏହି ଚେତନାକୁ ଧାରଣ କରିବା ପାଇଁ କୌଣସି ଆଧାର ନାହାନ୍ତି ଏବଂ ମଣିଷ ଏହି ଚେତନାର କେନ୍ଦ୍ର ନୁହେଁ। ତଥାପି ଏହି ପରମ ଚେତନା ପ୍ରତ୍ୟେକ କର୍ମ ଓ ଚିନ୍ତାର ଉତ୍ସ ଏବଂ ସୃଷ୍ଟି ଓ ତା'ର କାର୍ଯ୍ୟକାର୍ଯ୍ୟ ଶକ୍ତିର ମୂଳ ଉତ୍ସ। ଏଠାରେ ଥିବା ସମସ୍ତ ସତ୍ୟର ଏହି ପରମ ଚେତନା ହିଁ ହେଉଛି ମୂଳକେନ୍ଦ୍ର।

Satyamev jayate.

Victoire de la vérité.